# NATIONAL NEWS BULLETIN (ODIA)

**11 June- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ଦେଶରେ ଅତ୍ୟାଧୁନିକ ତଥା ସ୍ଥାୟୀ ଓ ଦୀର୍ଘକାଳୀନ ବ୍ୟବହାରଯୋଗ୍ୟ ଭିତ୍ତିଭୂମି ନିର୍ମାଣ ଉପରେ ଗୁରୁତ୍ୱ ଆରୋପ କଲେ ପ୍ରଧାନମନ୍ତ୍ରୀ

- ଉତ୍କ୍ଷେପଣ ଯାନରେ ଯାନ୍ତ୍ରିକ ତ୍ରୁଟି ପରିଲକ୍ଷିତ ହେବାରୁ ଏକ୍ସଜିଓମ୍-୪ ମିଶନ ସାମୟିକ ଭାବେ ସ୍ଥଗିତ

- ଆସନ୍ତା ୨୦ ତାରିଖରେ ଓଡ଼ିଶା ଗସ୍ତରେ ଆସିବେ ପ୍ରଧାନମନ୍ତ୍ରୀ

- ସାଇବର ଅପରାଧ ର୍ୟାକେଟ୍‌କୁ ଠାବ କରିବା ସହ ୨ କୋଟି ୮୦ଲକ୍ଷ ଟଙ୍କାର କ୍ରିପ୍ଟୋ କରେନ୍ସି ଜବତ କଲା ସିବିଆଇ

ଏବଂ

- ପୁରୀ ଶ୍ରୀକ୍ଷେତ୍ରରେ ସ୍ନାନମଣ୍ଡପରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି ଚତୁର୍ଦ୍ଧାମୂର୍ତ୍ତି

## ପିଏମ୍-ଇନ୍‌ଫ୍ରାଷ୍ଟ୍ରକ୍‌ଚର

ଦେଶରେ ଅତ୍ୟାଧୁନିକ ସ୍ଥାୟୀ ଏବଂ ଦୀର୍ଘକାଳୀନ ବ୍ୟବହାରଯୋଗ୍ୟ ଭିତ୍ତିଭୂମି ନିର୍ମାଣ ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁତ୍ୱାରୋପ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ଆତ୍ମନିର୍ଭରଶୀଳ ଭାରତ ଅଭିଯାନ ଏହାକୁ ଅଧିକ ସୁଦୃଢ଼ କରୁଛି । ଗତ ୧୧ ବର୍ଷ ମଧ୍ୟରେ

ଦେଶର ବିଭିନ୍ନ କ୍ଷେତ୍ରରେ ଉତ୍କୃଷ୍ଟ ଭିତ୍ତିଭୂମି ପ୍ରସ୍ତୁତ କରାଯାଇଛି ଏବଂ ଏହା ଭାରତର ଅଭିବୃଦ୍ଧି ପଥକୁ ତ୍ୱରାନ୍ୱିତ କରିଛି । ରେଳପଥଠାରୁ  ରାଜପଥ, ବନ୍ଦରଠାରୁ ଆରମ୍ଭ କରି ବିମାନ ବନ୍ଦର ବିଭିନ୍ନ କ୍ଷେତ୍ରରେ ଭିତ୍ତିଭୂମି କ୍ଷେତ୍ର ଦ୍ରୁତଗତିରେ ବିସ୍ତାରଲାଭ କରୁଛି ଏବଂ ଏହା ଜୀବନଧାରଣର ସହଜତାକୁ ପ୍ରୋତ୍ସାହନ ପ୍ରଦାନ କରିବା ସହ ଅଭିବୃଦ୍ଧି ଦିଗରେ ଅଗ୍ରସର ହେଉଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ଶାହା-ଇନ୍‌ଫ୍ରା

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କହିଛନ୍ତି, ଭିତ୍ତିଭୂମି ବିପ୍ଳବ କ୍ଷେତ୍ରରେ ଗତ ୧୧ ବର୍ଷ ମଧ୍ୟରେ ମୋଦୀ ସରକାର ଗୋଟିଏ ପରେ ଗୋଟିଏ ଇଞ୍ଜିନିୟରିଂ ଚମତ୍କାରିତା ପ୍ରଦର୍ଶନ କରି ଭାରତକୁ ବିକଶିତ କରିଛନ୍ତି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଶାହା କହିଛନ୍ତି ନବନିର୍ମିତ ଅତ୍ୟାଧୁନିକ ଭିତ୍ତିଭୂମି ପ୍ରକଳ୍ପ ଗୁଡ଼ିକ ଲୋକଙ୍କ ନିକଟତର ହୋଇ ଦେଶକୁ ସୁଦୃଢ଼ କରିପାରିଛି ।

## ଜିତେନ୍ଦ୍ର-ଏକ୍ସିଅମ୍

ଉତ୍‌କ୍ଷେପଣ ଯାନରେ ଯାନ୍ତ୍ରିକ ତ୍ରୁଟି ପରିଲକ୍ଷିତ ହେବାରୁ ଏକ୍ସିଓମ୍-୪ ମିଶନକୁ ସ୍ଥଗିତ ରଖାଯାଇଛି । ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂ  ସାମାଜିକ ଗଣମାଧ୍ୟମରେ ଏ ସଂପର୍କରେ ସୂଚନା ଦେଇ କହିଛନ୍ତି, ଫାଲ୍‌କନ୍-୯ ଉତ୍‌କ୍ଷେପଣ ଯାନରେ ୭ ସେକେଣ୍ଡର ହଟ୍ ପରୀକ୍ଷଣ ସମୟରେ ତରଳ ଅମ୍ଳଜାନ ଲିକ୍ ହେବା ଚିହ୍ନଟ କରାଯାଇଥିଲା । ଏହାକୁ ଦୃଷ୍ଟିରେ ରଖି ମିଶନକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖାଯାଇଛି । ଇସ୍ରୋ, ସ୍ପେସ୍ ଏକ୍ସ ଏବଂ ଏକ୍ସିଓ-୪ ମିଶନ ଅଧିକାରୀଙ୍କ ମିଳିତ ସମୀକ୍ଷା ପରେ ଏହି ନିଷ୍ପତ୍ତି ନିଆଯାଇଛି । ଏହି ସମସ୍ୟାକୁ ସୁଧାରିବା ପରେ ଉତ୍‌କ୍ଷେପଣ ମିଶନରେ ପରବର୍ତ୍ତୀ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ଡକ୍ଟର ସିଂ କହିଛନ୍ତି ।

# ସିବିଆଇ-ସାଇବର କ୍ରାଇମ୍

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ-ସିବିଆଇ ଏକ ସାଇବର ଅପରାଧ ର୍‍ୟାକେଟ୍‌କୁ ଠାବ କରି ୨କୋଟି ୮୦ ଲକ୍ଷ ଟଙ୍କାର କ୍ରିପ୍ଟୋ କରେନ୍ସି ଜବତ କରିଛି । ଚକ୍ର-୫ ପଦକ୍ଷେପ ଅନ୍ତର୍ଗତ ସାଇବର ଅପରାଧ ବିରୁଦ୍ଧରେ ୩ଟି ସ୍ଥାନରେ ସିବିଆଇ ପକ୍ଷରୁ ତଲାସ କରାଯାଇଥିଲା । ସିବିଆଇର କହିବା ଅନୁଯାୟୀ ଭାରତରୁ ପରିଚାଳିତ ସାଇବର ଅପରାଧ ଗୋଷ୍ଠୀ ସଂପର୍କରେ ବିଶ୍ୱସନୀୟ ସୂତ୍ରରୁ ମିଳିଥିବା ସୂଚନାକୁ ଆଧାର କରି ମାମଲା ପଞ୍ଜୀକୃତ କରାଯାଇଥିଲା । ଏହି ଗୋଷ୍ଠୀର ସଦସ୍ୟମାନେ ନିଜକୁ ସରକାରୀ ଅଧିକାରୀ ଓ ପ୍ରତିଷ୍ଠିତ ଟେକ୍ ସପୋର୍ଟ କମ୍ପାନୀର ପ୍ରତିନିଧିଙ୍କ ପରିଚୟ ଦେଇ ଆମେରିକା ଏବଂ କାନାଡାରେ ବ୍ୟକ୍ତିମାନଙ୍କୁ ଟାର୍ଗେଟ୍ କରୁଥିଲେ ।

# ୧୧ ବର୍ଷ

ସେବା, ସୁ-ଶାସନ ଏବଂ ଗରିବ କଲ୍ୟାଣ ନୀତି ଆଧାରରେ ଦେଶରେ ଗତ ଏକ ଦଶନ୍ଧି ମଧ୍ୟରେ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିଛି । ଆକାଶବାଣୀ ସମ୍ବାଦ ବିଭାଗ ଗତ ୧୧ ବର୍ଷ ମଧ୍ୟରେ ପ୍ରମୁଖ କ୍ଷେତ୍ର ଗୁଡ଼ିକରେ ସରକାରଙ୍କ ପ୍ରୟାସ ଉପରେ ବିଶେଷ ପ୍ରସ୍ତୁତି ଉପସ୍ଥାପନ କରୁଛି । ଆଜି ଆସନ୍ତୁ ଶୁଣିବା ପରିବହନ ଭିତ୍ତିଭୂମି କ୍ଷେତ୍ରରେ ହୋଇଥିବା ପରିବର୍ତ୍ତନ ସମ୍ପର୍କିତ ଏକ ରିପୋର୍ଟ ।

ଗତ ଦଶନ୍ଧି ଧରି ଭାରତ ଏକ ସାମଗ୍ରିକ ଏବଂ ସମନ୍ୱିତ ପଦ୍ଧତି ଦ୍ୱାରା ପରିଚାଳିତ ଭିତ୍ତିଭୂମି ବିକାଶର ପରିବର୍ତ୍ତନ ଲକ୍ଷ୍ୟ କରିଛି । ରାଜପଥ ନିର୍ମାଣ ଦୈନିକ ହାରାହାରି ୩୪ କିଲୋମିଟରରେ ପହଞ୍ଚିଛି,

ଯାହାକି ୨୦୧୪ ତୁଳନାରେ ପ୍ରାୟ ୩ ଗୁଣ ଅଧିକ । ଭାରତମାଳା ପରିଯୋଜନା ଅଧୀନରେ ଅର୍ଥନୈତିକ କରିଡରର ବିକାଶ ଏବଂ ପରିବହନ ଖର୍ଚ୍ଚ ହ୍ରାସ କରିବା ପାଇଁ ୨୦ ହଜାର କିଲୋମିଟରରୁ ଅଧିକ ରାଜପଥ ଏହି ସମୟସୀମା ମଧ୍ୟରେ ନିର୍ମାଣ କରାଯାଇଛି । ଗ୍ରାମୀଣ ସଂଯୋଗୀକରଣ ୯୯ ପ୍ରତିଶତରେ ପହଞ୍ଚିଛି । ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଅଧୀନରେ ୨୦୧୪ ମସିହା ପରଠାରୁ ଏପର୍ଯ୍ୟନ୍ତ ୭ଲକ୍ଷ ୮୦ ହଜାର କିଲୋମିଟରରୁ ଅଧିକ ରାସ୍ତା ନିର୍ମାଣ କରାଯାଇଛି ।

ପ୍ରଧାନମନ୍ତ୍ରୀ ଗତିଶକ୍ତି ଜାତୀୟ ମାଷ୍ଟରପ୍ଲାନ୍ ଏକୀକୃତ ଭିତ୍ତିଭୂମି ବିକାଶ ଲକ୍ଷ୍ୟ ନେଇ ୪୪ଟି ମନ୍ତ୍ରଣାଳୟ ଏବଂ ୩୬ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ଡିଜିଟାଲ୍ ପ୍ଲାଟଫର୍ମ ମାଧ୍ୟମରେ ସଂଯୋଗୀକରଣ କରାଯାଇଛି । ରେଳବାଇ କ୍ଷେତ୍ରରେ ମଧ୍ୟ ବ୍ୟାପକ ପ୍ରସାର ଘଟିଛି । ୪୫ ହଜାର କିଲୋମିଟରରୁ ଅଧିକ ରେଳପଥ ବିଦ୍ୟୁତିକରଣ ହୋଇଥିବା ବେଳେ ୬୮ଟି ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ୩୩୩ଟି ଜିଲ୍ଲାକୁ ସଂଯୋଗ କରୁଛି । ଅମୃତଭାରତ ଷ୍ଟେସନ ଯୋଜନା ଅଧୀନରେ ୧୩ଶହରୁ ଅଧିକ ରେଳଷ୍ଟେସନକୁ ଆଧୁନିକୀକରଣ କରାଯାଇଛି ।

ବିମାନ ଚଳାଚଳ କ୍ଷେତ୍ରରେ 'ଉଡ଼େ ଦେଶ୍ କା ଆମ୍ ନାଗରିକ'- ଉଡାନ୍ ଯୋଜନା ଅଧୀନରେ ୮୮ଟି ବିମାନବନ୍ଦରକୁ କାର୍ଯ୍ୟକ୍ଷମ କରାଯାଇଛି । ଦେଶର ୮୩ଟି ସହରକୁ ମେଟ୍ରୋ ରେଳସଂଯୋଗୀକରଣ ହୋଇଥିବା ବେଳେ ଭାରତ ବିଶ୍ୱର ତୃତୀୟ ବୃହତ ମେଟ୍ରୋ ସଂଯୋଗ କ୍ଷେତ୍ର ଭାବେ ମାନ୍ୟତା ହାସଲ କରିଛି । ସାଗରମାଳା କାର୍ଯ୍ୟକ୍ରମ ଅଧୀନରେ ବନ୍ଦର ଏବଂ ଆଭ୍ୟନ୍ତରୀଣ ଜଳପଥରେ ବ୍ୟାପକ ପରିବର୍ତ୍ତନ ଲକ୍ଷ୍ୟ କରାଯାଇଛି । ଇତିମଧ୍ୟରେ ୨୭୭ଟି ବନ୍ଦର ସଂଯୁକ୍ତ ପ୍ରକଳ୍ପ ଶେଷ ହୋଇଛି ।

ଷ୍ଟାଚ୍ୟୁ ଅଫ ୟୁନିଟ୍, ଚେନାବ ରେଲସେତୁ ଏବଂ ଅଟଳ ସୁଡ଼ଙ୍ଗ ୧୦ ହଜାର ଫୁଟ ଉପରେ ବିଶ୍ୱର ସବୁଠାରୁ ଦୀର୍ଘ ରାଜପଥ ସୁଡ଼ଙ୍ଗ ଭାବେ କାର୍ଯ୍ୟକ୍ଷମ ହୋଇଛି । ୨୦୪୭ ବିକଶିତ ଭାରତ ସ୍ୱପ୍ନ ସାକାରରେ ଏହି ସବୁ ପଦକ୍ଷେପ ବେଶ୍ ଉଲ୍ଲେଖନୀୟ ସାବ୍ୟସ୍ତ ହୋଇପାରିବ ।

---

## ପିଏମ୍-ଓଡ଼ିଶା ଭିଜିଟ୍

ଓଡ଼ିଶାରେ ବିଜେପି ସରକାରଙ୍କ ଏକବର୍ଷ ପୂର୍ତ୍ତି ଉପଲକ୍ଷେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆସନ୍ତା ୨୦ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗ ଦେବେ । ଏହି ଉପଲକ୍ଷେ ଭୁବନେଶ୍ୱରର ଜନତା ମଇଦାନଠାରେ ଏକ ବିରାଟ ଉତ୍ସବ ଅନୁଷ୍ଠିତ ହେବ । ଏହି କାର୍ଯ୍ୟକ୍ରମକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବା ଲାଗି ୬୦ଜଣ ଓଡ଼ିଶା ପ୍ରଶାସନିକ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି ।

ନିକଟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦିଲ୍ଲୀ ଗସ୍ତ କରିଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ, କେନ୍ଦ୍ର ସଡ଼କ ଓ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ଏବଂ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ସମେତ ଆଉ କେତେଜଣ କେନ୍ଦ୍ରମନ୍ତ୍ରୀଙ୍କୁ ଓଡ଼ିଶା ସରକାରଙ୍କ ଏକବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ନିମନ୍ତ୍ରଣ ଜଣାଇଥିଲେ ।

---

## ପିଏମ୍-କବୀର ଦାସ

ବିଶିଷ୍ଟ କବି ତଥା ସମାଜ ସଂସ୍କାରକ ସନ୍ଥ କବୀର ଦାସଙ୍କ ଜନ୍ମବାର୍ଷିକୀ ଉପଲକ୍ଷେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି

ପ୍ରଧାନମନ୍ତ୍ରୀ କହିଛନ୍ତି, ସନ୍ଥ କବୀର ଦାସଙ୍କ କବିତାରେ ସରଳ ଶବ୍ଦ ସଂଯୋଜନା ଏବଂ ଆବେଗ ଭରି ରହିଛି, ଯେଉଁଥିପାଇଁ ସେ ଭାରତୀୟଙ୍କ ମନରେ ଗଭୀର ଛାପ ଛାଡ଼ିଯାଇଛନ୍ତି । ସମାଜରେ ଦେଖାଦେଉଥିବା ଅସଂଗତି ଦୂର କରିବା ଦିଗରେ ତାଙ୍କର ଅବଦାନ ଥିବାରୁ ସେ ସବୁସମୟ ପାଇଁ ଦେଶବାସୀଙ୍କ ମନ ଭିତରେ ରହିବେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି :

**V/O [PM]**

---

## ଜେଡିୟୁ

୫ଟି ଦେଶକୁ ଯାଇଥିବା ସର୍ବଦଳୀୟ ପ୍ରତିନିଧି ଦଳର ନେତୃତ୍ୱ ନେଇଥିବା ଜେଡିୟୁ ସାଂସଦ ସଂଜୟ ଝା କହିଛନ୍ତି ଯେ ପ୍ରତିନିଧି ଦଳ ଏହାର ବିଭିନ୍ନ ବୈଠକରେ ଅପରେସନ ସିନ୍ଦୂର ପରେ ପାକିସ୍ତାନରେ ପ୍ରାୟୋଜିତ ଆତଙ୍କବାଦ ବିରୁଦ୍ଧରେ ଭାରତର ଦୃଢ଼ ଆଭିମୁଖ୍ୟକୁ ପ୍ରଭାବଶାଳୀ ଢଙ୍ଗରେ ଉପସ୍ଥାପନ କରିଛି । ସେ କହିଛନ୍ତି ପ୍ରତିନିଧି ଦଳ ଅପରେସନ ସିନ୍ଦୂର ବିଶ୍ୱସ୍ତରୀୟ ପ୍ରସାରଣ ଅଧୀନରେ ଇଣ୍ଡୋନେସିଆ, ମାଲେସିଆ, ଦକ୍ଷିଣ କୋରିଆ, ଜାପାନ ଏବଂ ସିଙ୍ଗାପୁର ଗସ୍ତ କରିଥିଲେ । ଏହା ବିଶେଷ ସଫଳ ହୋଇଛି । ନୂଆଦିଲ୍ଲୀରେ ଗତକାଲି ଗଣମାଧ୍ୟମକୁ ସମ୍ବୋଧନ କରି ସେ ବିଭିନ୍ନ ଦେଶ ଗସ୍ତ କରିଥିବା ପରିପ୍ରେକ୍ଷୀରେ ହାସଲ କରିଥିବା ଅଭିଜ୍ଞତା ଉପରେ ଆଲୋକପାତ କରିଛନ୍ତି :

**V/O (Sanjay Jha)**

---

## ଦେବସ୍ନାନ ପୂର୍ଣ୍ଣିମା

ପୁରୀ ଶ୍ରୀକ୍ଷେତ୍ରରେ ସ୍ନାନ ମଣ୍ଡପ ଉପରେ ଚତୁର୍ଦ୍ଧାମୂର୍ତ୍ତି ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି । ଦେବସ୍ନାନ ପୂର୍ଣ୍ଣିମା ଅବସରରେ ଶ୍ରୀମନ୍ଦିର ରତ୍ନବେଦୀରୁ

ଚତୁର୍ଦ୍ଧା ମୂର୍ତ୍ତି ଧାଡି ପହଣ୍ଡିରେ ସ୍ନାନବେଦୀକୁ ବିଜେ କରିଛନ୍ତି। ପ୍ରଥମେ ଚକ୍ରରାଜ ଶ୍ରୀସୁଦର୍ଶନ, ପରେ ବଡ଼ ବାଡ଼ଗ୍ରାହୀ ଶ୍ରୀବଳଭଦ୍ର ଧାଡ଼ି ପହଣ୍ଡିରେ ଆସିଥିଲେ। ଏହା ପରେ ଦେବୀ ସୁଭଦ୍ରା ଏବଂ ପ୍ରଭୁ ଜଗନ୍ନାଥ ସ୍ନାନବେଦୀକୁ ବିଜେ କରିଥିଲେ । ସ୍ନାନବେଦୀରେ ସୁନାକୂଅରୁ ୧୦୮ ଗରା ସୁବାସିତ ଜଳ ଅଣାଯାଇ ଶ୍ରୀଜୀଉମାନଙ୍କ ସ୍ନାନ ନୀତି ଅନୁଷ୍ଠିତ ହେଉଛି । ସ୍ନାନବେଦୀ ଉପରେ ଠାକୁରଙ୍କର ହାତୀବେଶ ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଛି । ମହାପ୍ରଭୁ ଆଜି ଅଣସରଘରକୁ ବିଜେ କରିବେ ।

**ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ଆଜି ପୁରୀ ଯାଇ ଶ୍ରୀଜୀଉଙ୍କୁ ଦର୍ଶନ କରିଛନ୍ତି। ଶ୍ରୀ ମାଝୀ ମଙ୍ଗଳ ଆଡଲୀ ନୀତି ଦର୍ଶନ କରିବା ସହିତ ରାଜ୍ୟବାସୀଙ୍କ ମଙ୍ଗଳ କାମନା କରିଛନ୍ତି।

..........................................................................